# ଓରୟମ୍ ସିଂହ ଏବଂ ଅନ୍ୟଜଣେ

# ବନାମ

# ଅମରନାଥ ଏବଂ ଅନ୍ୟଜଣେ

## [ପ୍ରଧାନ ନ୍ୟାୟାଧୀଶ ମେହେର୍ ଚାନ୍ଦ୍ ମହାଜନ୍, ବି. କେ. ମୁଖାର୍ଜୀୟା, ଏସ୍. ଆର୍. ଦାସ୍, ଭିଭିଆନ୍ ବୋଷ୍ ଏବଂ ଗୁଲାମ୍ ହାସନ୍ ନ୍ୟାୟମୂର୍ତ୍ତିବୃନ୍ଦ]

*ଭାରତର ସମ୍ବିଧାନ, ଅନୁଚ୍ଛେଦ 227 ଏବଂ 241 - ଉଚ୍ଚ ନ୍ୟାୟାଳୟ - ନ୍ୟାୟିକ ତତ୍ତ୍ୱାବଧାନର କ୍ଷମତା ପ୍ରଦାନ କରାଯାଇଛି କି ନାହିଁ - ଭଡ଼ା ନିୟନ୍ତ୍ରଣ ଅଧିକାରୀ ଏବଂ ଜିଲ୍ଲା ବିଚାରପତି - ଅନୁଚ୍ଛେଦ 227 ର ଅର୍ଥ ମଧ୍ୟରେ ନ୍ୟାୟାଧିକରଣ ଆସେ କି ନାହିଁ - ପୂର୍ବ ପଞ୍ଜାବ ସହରାଞ୍ଚଳ ଭଡ଼ା ପ୍ରତିବନ୍ଧକ ଅଧିନିୟମ (III/1949) ହିମାଚଳ ପ୍ରଦେଶକୁ ସମ୍ପ୍ରସାରିତ ହୋଇଛି, ଧାରା 13 (2) (i), ପ୍ରାବଧାନ - ଉଚ୍ଛେଦ ପାଇଁ ଆବେଦନର ପ୍ରଥମ ଶୁଣାଣି ସମୟରେ ବକେୟା ଘରଭଡ଼ା ନଦେବା - ଏହାର ଆଇନଗତ ପ୍ରଭାବ ।*

ହିମାଚଳ ପ୍ରଦେଶର ନ୍ୟାୟିକ ଆୟୁକ୍ତଙ୍କ ନ୍ୟାୟାଳୟ ହିମାଚଳ ପ୍ରଦେଶର ସମଗ୍ର ଅଞ୍ଚଳରେ କ୍ଷେତ୍ରାଧିକାର ପ୍ରୟୋଗ କରନ୍ତି ।

ପୂର୍ବ ପଞ୍ଜାବ ଭଡ଼ା ପ୍ରତିବନ୍ଧକ ଅଧିନିୟମ, 1949 ଅନୁଯାୟୀ କ୍ଷେତ୍ରାଧିକାର ପ୍ରୟୋଗ କରୁଥିବା ଭଡ଼ା ନିୟନ୍ତ୍ରଣ ଅଧିକାରୀ ଏବଂ ଜିଲ୍ଲା ବିଚାରପତି, ସମ୍ବିଧାନର ଅନୁଚ୍ଛେଦ 227 ର ଅର୍ଥ ମଧ୍ୟରେ, ଯଦିବା ନ୍ୟାୟାଳୟ ନୁହଁନ୍ତି, ତେବେ ନିଶ୍ଚିତ ଭାବରେ ନ୍ୟାୟାଧିକରଣ ଅଟନ୍ତି ଏବଂ ସେମାନେ ହିମାଚଳ ପ୍ରଦେଶର ଅଞ୍ଚଳ ମଧ୍ୟରେ କାର୍ଯ୍ୟ କରନ୍ତି । ସେଥିପାଇଁ, ଅନୁଚ୍ଛେଦ 241 ସହିତ ପଠିତ ଅନୁଚ୍ଛେଦ 227 (1) ନ୍ୟାୟିକ ଆୟୁକ୍ତଙ୍କ ନ୍ୟାୟାଳୟକୁ ଏହିପରି ନ୍ୟାୟାଧିକରଣଗୁଡ଼ିକର ତତ୍ତ୍ୱାବଧାନର କ୍ଷମତା ପ୍ରଦାନ କରେ ।

ଅନୁଚ୍ଛେଦ 227 (1) ରେ "ଯାହା ସମ୍ବନ୍ଧରେ" ଶବ୍ଦଗୁଡ଼ିକ "ଅଞ୍ଚଳଗୁଡ଼ିକ" ଶବ୍ଦକୁ ବିଶେଷିତ କରେ ଏବଂ "ନ୍ୟାୟାଳୟ ଓ ନ୍ୟାୟାଧିକରଣ" ଶବ୍ଦକୁ ନୁହେଁ ।

ଅନୁଚ୍ଛେଦ 227 ର ଖଣ୍ଡ (2) କେବଳ ଉଚ୍ଚ ନ୍ୟାୟାଳୟଙ୍କୁ ଅଧସ୍ତନ ଅଦାଲତ ଏବଂ ନ୍ୟାୟାଧିକରଣଗୁଡ଼ିକ ଉପରେ ପ୍ରଶାସନିକ ତତ୍ତ୍ୱାବଧାନ ପ୍ରଦାନ କରେ ବୋଲି ଯେଉଁ ଯୁକ୍ତି

କରାଯାଉଛି, ସେଥିରେ କୌଣସି ଦୃଢତା ନାହିଁ, କାରଣ ଏହି ଅନୁଚ୍ଛେଦର ଖଣ୍ଡ (2) କୁ, ଖଣ୍ଡ (1) ରେ ଥିବା ବ୍ୟବସ୍ଥାଗୁଡ଼ିକର ସାଧାରଣତା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନପକାଇ ପ୍ରକାଶ କରାଯାଇଛି ।

ଅନୁଚ୍ଛେଦ 227 ଦ୍ୱାରା ପ୍ରଦତ୍ତ ତତ୍ତ୍ୱାବଧାନ କ୍ଷମତାକୁ ଅତି କମ ଏବଂ କେବଳ ଉପଯୁକ୍ତ କ୍ଷେତ୍ରରେ ପ୍ରୟୋଗ କରାଯିବା ଉଚିତ, ଯାହା ଦ୍ୱାରା ଅଧସ୍ତନ ଅଦାଲତଗୁଡ଼ିକ କେବଳ ତ୍ରୁଟି ସଂଶୋଧନ ପାଇଁ ନୁହେଁ ବରଂ ସେମାନଙ୍କର କ୍ଷମତାର ପରିସର ମଧ୍ୟରେ ରହିବେ ।

ଭଡ଼ା ଦଲିଲ ଅନୁଯାୟୀ କିମ୍ବା ଅଦାଲତର ପ୍ରଥମ ଶୁଣାଣି ସମୟରେ ଧାରା 13 (2) (1) ର ପ୍ରାବଧାନ ଅନୁଯାୟୀ ଭଡ଼ା ପୈଠ କରିବାରେ ଭଡ଼ାଟିଆମାନଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ବିଫଳତାକୁ ଦୃଷ୍ଟିରେ ରଖି, ଆଇନ ଅନୁଯାୟୀ ସେମାନଙ୍କ ଉପରେ ନ୍ୟସ୍ତ ଥିବା ବାଧ୍ୟତାମୂଳକ କାର୍ଯ୍ୟ ସେମାନେ କରିନଥିଲେ ଏବଂ ସେହି ଭଡ଼ାଟିଆମାନଙ୍କ ବିରୁଦ୍ଧରେ ଅଧସ୍ତନ ଅଦାଲତଗୁଡ଼ିକ ଉଚ୍ଛେଦ ଆଦେଶ ଦେବାକୁ ମନା କରି ମନମୁଖୀ ଭାବେ କାର୍ଯ୍ୟ କରିଥିଲେ ଏବଂ ଏହିପରି, ଆଇନ ଦ୍ୱାରା ସେମାନଙ୍କ ଉପରେ ନ୍ୟସ୍ତ କ୍ଷେତ୍ରାଧିକାର ପ୍ରୟୋଗ କରିବାକୁ ଅଦାଲତଗୁଡ଼ିକ ମନା କରିଦେଇଥିଲେ ଏବଂ ଏହା ଏଭଳି ଏକ ମାମଲା ଥିଲା ଯେଉଁଠାରେ ନ୍ୟାୟିକ ଆୟୁକ୍ତଙ୍କ ଅଦାଲତର ହସ୍ତକ୍ଷେପ ଆବଶ୍ୟକ ଥିଲା ଏବଂ ଏହା କରିବାରେ ସେ ଉପଯୁକ୍ତ ଭାବେ କାର୍ଯ୍ୟ କରିଥିଲେ ।

*ମୋତି ଲାଲ୍ ବନାମ ଶ୍ରୀମତୀ ସାଗ୍ରାବତୀଙ୍କ ମାଧ୍ୟମରେ ରାଜ୍ୟ* (I.L.R. [1952] 1 All. 558 ପୃଷ୍ଠା ସଂଖ୍ୟା 567) ଏବଂ *ଡାଲମିଆ ଜୈନ ଏୟାରୱେଜ୍ ଲିମିଟେଡ୍ ବନାମ ସୁକୁମାର ମୁଖାର୍ଜୀ* (A.I.R. 1951 Cal. 193) ମାମଲାଦ୍ୱୟକୁ ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 64/1953 ।

ଦେୱାନୀ ପୁନରୀକ୍ଷଣ ସଂଖ୍ୟା 52/1951 ରେ ଶିମଲା ସ୍ଥିତ ହିମାଚଳ ପ୍ରଦେଶର ନ୍ୟାୟିକ ଆୟୁକ୍ତଙ୍କ ଅଦାଲତ ଦ୍ୱାରା 29 ନଭେମ୍ବର, 1951 ରେ ଦିଆଯାଇଥିବା ରାୟ ଏବଂ ବିଚାରାଦେଶ ବିରୁଦ୍ଧରେ ବିଶେଷ ଅନୁମତି ମାଧ୍ୟମରେ ଏହି ଅପିଲ କରାଯାଇଛି ।

ଅପିଲକାରୀମାନଙ୍କ ତରଫରୁ *ଗୋପାଳ ସିଂହ* ।

ଉତ୍ତରଦାତାମାନଙ୍କ ତରଫରୁ *ଏସ୍. ସି. ଆଇଜାକ୍ସ* (ତାଙ୍କ ସହିତ *ଅମର ନାଥ ଚୋନା*) ।

1954. ଜାନୁଆରୀ 19 । ନ୍ୟାୟାଳୟଙ୍କ ରାୟ ନ୍ୟାୟମୂର୍ତ୍ତି ଦାସଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା -

*1954*
*ଓରୟମ୍ ସିଂହ ଏବଂ ଅନ୍ୟଜଣେ ବନାମ ଅମରନାଥ ଏବଂ ଅନ୍ୟଜଣେ*
*ନ୍ୟାୟମୂର୍ତ୍ତି ଦାସ*

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅଧୀନରେ ଉତ୍ତରଦାତାମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ହିମାଚଳ ପ୍ରଦେଶର ନ୍ୟାୟିକ ଆୟୁକ୍ତଙ୍କ ଦ୍ୱାରା 20 ନଭେମ୍ବର, 1951 ରେ ଦିଆଯାଇଥିବା ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହା ଏକ ଅପିଲ ।

ବର୍ତ୍ତମାନର ଅପିଲକୁ ନେଇ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ବିବାଦ ନାହିଁ । ଅପିଲକାରୀମାନେ ହିମାଚଳ ପ୍ରଦେଶର ମହାସୁ ଜିଲ୍ଲା ଅନ୍ତର୍ଗତ ସୋଲାନ ବଜାରରେ ଅବସ୍ଥିତ ଏକ ନିର୍ଦ୍ଦିଷ୍ଟ ଦୋକାନ ପରିସରର ଭଡ଼ାଟିଆ ଥିଲେ । 11 ଅକ୍ଟୋବର, 1947 ମସିହାରେ ସେମାନେ ଏକ ଭଡ଼ା ଦଲିଲ ସମ୍ପାଦନ କରିଥିଲେ, ଯଦ୍ଦ୍ୱାରା ସେମାନେ ବାର୍ଷିକ 175 ଟଙ୍କା ଭଡ଼ା ଦେବାକୁ ସମ୍ମତ ହୋଇଥିଲେ । ଏହି ଅର୍ଥ ମଧ୍ୟରୁ 50 ଟଙ୍କା ବୈଶାଖ ମାସ ପ୍ରଥମ ତାରିଖରେ ଏବଂ ବାକି 125 ଟଙ୍କା ଅକ୍ଟୋବର ମାସରେ ଦେବାକୁ ଧାର୍ଯ୍ୟ ହୋଇଥିଲା । ଏହି ଅର୍ଥ ପୈଠ କରିବାରେ ଖିଲାପ ହେଲେ, ଉତ୍ତରଦାତାମାନେ, ଜମି ମାଲିକ ଭାବରେ, ସମ୍ପୂର୍ଣ୍ଣ ଭଡ଼ା ଏକକାଳୀନ ଆଦାୟ କରିବାକୁ ହକଦାର ହେବେ ବୋଲି ସର୍ତ୍ତ ଥିଲା । ଭଡ଼ା ଦଲିଲ ଦ୍ୱାରା ସୃଷ୍ଟି ହୋଇଥିବା ଏହି ପ୍ରଜାସ୍ୱତ୍ତ୍ୱ ପ୍ରଥମେ କେବଳ ଏକ ବର୍ଷ ପାଇଁ ଥିଲା, କିନ୍ତୁ ଏଥିରେ ବ୍ୟବସ୍ଥା ଥିଲା ଯେ ଯଦି ଭଡ଼ାଟିଆମାନେ ସେହି ସ୍ଥାନ ଦଖଲରେ ରହିବାକୁ ଚାହାଁନ୍ତି, ତେବେ ଉକ୍ତ ଅବଧି ଶେଷ ହେବା ପୂର୍ବରୁ ସେମାନଙ୍କୁ ଆହୁରି ଏକ ନୂତନ ଭଡ଼ା ଦଲିଲ ସମ୍ପାଦନ କରିବାକୁ ପଡ଼ିବ । ଅପିଲକାରୀମାନେ ଆଉ କୌଣସି ଭଡ଼ା ଦଲିଲ ସମ୍ପାଦନ କରିନଥିଲେ, କିନ୍ତୁ ସେମାନେ ସେହି ପରିସରକୁ ନିଜ ଦଖଲରେ ରଖିବା ଜାରି ରଖିଥିଲେ ।

ଅପିଲକାରୀମାନେ 1948 ଏବଂ 1949 ମସିହାର ବକେୟା ଭଡ଼ା ପୈଠ କରିବାରେ ବିଫଳ ହୋଇଥିଲେ ଏବଂ ଉତ୍ତରଦାତାମାନେ ହିମାଚଳ ପ୍ରଦେଶରେ ଲାଗୁ ହୋଇଥିବା ପୂର୍ବ ପଞ୍ଜାବ ସହରାଞ୍ଚଳ ଭଡ଼ା ପ୍ରତିବନ୍ଧକ ଅଧିନିୟମ, 1949 ର ଧାରା 13 (2) (i) ଅନୁଯାୟୀ ଅପିଲକାରୀମାନଙ୍କୁ ଉଚ୍ଛେଦ କରିବା ପାଇଁ ଭଡ଼ା ନିୟନ୍ତ୍ରଣ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ତେବେ, ଅପିଲକାରୀମାନେ ବକେୟା ଭଡ଼ା ଅଦାଲତରେ ଜମା କରିଦେଲେ ଏବଂ ଧାରା 13 (2) (i) ର ପ୍ରାବଧାନର ସୁବିଧା ପାଇବାକୁ ଦାବି କରିଥିଲେ । ସେମାନଙ୍କର ଏହି ଦାବିକୁ

ଗ୍ରହଣ କରାଯାଇଥିଲା ଏବଂ ସେହି ଅନୁଯାୟୀ 1950 ମସିହା ଡିସେମ୍ବର 18 ତାରିଖରେ ଉକ୍ତ ଉଚ୍ଛେଦ ଆବେଦନଗୁଡ଼ିକୁ ଖାରଜ କରାଯାଇଥିଲା ।

ଅପିଲକାରୀମାନେ ପୁଣି ଥରେ 1950 ମସିହାର ବକେୟା ଭଡ଼ା ଦେବାରେ ଖିଲାପ କଲେ । 1950 ମସିହା ଡିସେମ୍ବର 26 ତାରିଖରେ, ଉତ୍ତରଦାତାମାନେ ଅପିଲକାରୀମାନଙ୍କୁ ଏକ ସୂଚନା ପଠାଇ ତୁରନ୍ତ ସମସ୍ତ ବାକି ଭଡ଼ା ପୈଠ କରିବାକୁ ଜଣାଇଥିଲେ, କିନ୍ତୁ ଅପିଲକାରୀମାନେ ତାହା କରିବାରେ ବିଫଳ ହୋଇଥିଲେ । ଏହା ପରେ, 1951 ମସିହା ଜାନୁଆରୀ 2 ତାରିଖରେ ଉତ୍ତରଦାତାମାନେ ଭଡ଼ା ନ ଦେବା କାରଣ ଦର୍ଶାଇ ଅପିଲକାରୀମାନଙ୍କ ଉଚ୍ଛେଦ ପାଇଁ ଧାରା 13 (2) (i) ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ ।

ପରବର୍ତ୍ତୀ ସମୟରେ, 1951 ମସିହା ଜାନୁଆରୀ 10 ତାରିଖରେ, ଅପିଲକାରୀମାନେ ଉକ୍ତ ଅଧିନିୟମର ଧାରା 4 ଅନୁଯାୟୀ ଏକ ଉଚିତ ଭଡ଼ା ନିର୍ଦ୍ଧାରଣ ନିମନ୍ତେ ଭଡ଼ା ନିୟନ୍ତ୍ରଣ ଅଧିକାରୀଙ୍କ ନିକଟରେ ଏକ ଆବେଦନ କରିଥିଲେ ।

25 ଜାନୁଆରୀ, 1951 ରେ, ଅପିଲକାରୀମାନେ ଧାରା 13 (2) (i) ଅଧୀନରେ ଚାଲିଥିବା କାର୍ଯ୍ୟାନୁଷ୍ଠାନରେ ସେମାନଙ୍କର ଲିଖିତ ବିବୃତ୍ତି ଦାଖଲ କରିଥିଲେ । ସେଥିରେ ସେମାନେ ଭଡ଼ା ଦେଇନଥିବା ଏବଂ ସୂଚନା ପାଇଥିବା କଥା ସ୍ୱୀକାର କରିଥିଲେ, କିନ୍ତୁ ଯୁକ୍ତି ଦର୍ଶାଇଥିଲେ ଯେ (i) ପୂର୍ବରୁ ଉଚ୍ଛେଦ ଆବେଦନ ଖାରଜ ହୋଇସାରିଥିବାରୁ ଉତ୍ତରଦାତାମାନଙ୍କ ଏହି ନୂତନ ଆବେଦନ ଗ୍ରହଣଯୋଗ୍ୟ ନଥିଲା ଏବଂ (ii) ଉକ୍ତ ଅଧିନିୟମର ଧାରା 4 ଅଧୀନରେ ଉଚିତ ଭଡ଼ା ନିର୍ଦ୍ଧାରଣ ପାଇଁ ସେମାନଙ୍କ ଆବେଦନ ବିଚାରାଧୀନ ଥିବାରୁ ବର୍ତ୍ତମାନର ଏହି ଉଚ୍ଛେଦ ଆବେଦନକୁ ଗ୍ରହଣ କରାଯାଇପାରିବ ନାହିଁ ।

20 ଫେବୃଆରୀ, 1951 ରେ, ଭଡ଼ା ନିୟନ୍ତ୍ରଣ ଅଧିକାରୀ ନିମ୍ନଲିଖିତ ପ୍ରସଙ୍ଗ ପ୍ରସ୍ତୁତ କରିଥିଲେ: -

(1) ଜିଲ୍ଲା ବିଚାରପତିଙ୍କ 1950 ମସିହା ଡିସେମ୍ବର 18 ତାରିଖର ରାୟକୁ ଦୃଷ୍ଟିରେ ରଖି ଏହି ଆବେଦନ ଗ୍ରହଣଯୋଗ୍ୟ ନଥିଲା କି? ଏହାକୁ ପ୍ରମାଣ କରିବାର ଦାୟିତ୍ୱ ପ୍ରତିବାଦୀମାନଙ୍କ ଉପରେ ରହିବ ।

(2) ଯଦି ପ୍ରସଙ୍ଗ ସଂଖ୍ୟା 1 ପ୍ରମାଣିତ ନହୁଏ, ତେବେ ବିପକ୍ଷ (ଭଡ଼ାଟିଆ) ଭଡ଼ା ପୈଠ କରିନାହାନ୍ତି କି ଏବଂ ସେହି କାରଣରୁ ସେମାନେ ଉଚ୍ଛେଦ ହେବା ପାଇଁ ଯୋଗ୍ୟ ଥିଲେ କି? ଏହାକୁ ପ୍ରମାଣ କରିବାର ଦାୟିତ୍ୱ ବାଦୀମାନଙ୍କ ଉପରେ ରହିବ ।

(3) ବିପକ୍ଷ ଭଡ଼ା ନିର୍ଦ୍ଧାରଣ ପାଇଁ ଉକ୍ତ ଅଦାଲତରେ ପୂର୍ବରୁ ଏକ ଆବେଦନ କରିଛନ୍ତି କି ଏବଂ ତେଣୁ, ସେହି ଆବେଦନର ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ସେମାନେ ଉଚ୍ଛେଦ ପାଇଁ ଦାୟୀ ନୁହନ୍ତି କି? ଏବଂ ଉକ୍ତ ଆବେଦନ ଉପରେ ଏହାର କି ପ୍ରଭାବ ରହିବ?ଏହାକୁ ପ୍ରମାଣ କରିବାର ଦାୟିତ୍ୱ ପ୍ରତିବାଦୀମାନଙ୍କ ଉପରେ ରହିବ ।

1951 ମସିହା ମେ 29 ତାରିଖରେ ଦେଇଥିବା ତାଙ୍କ ରାୟରେ ଭଡ଼ା ନିୟନ୍ତ୍ରଣ ଅଧିକାରୀ କହିଥିଲେ ଯେ, ଯେହେତୁ ପୂର୍ବ ଆବେଦନଗୁଡ଼ିକ 1948 ଏବଂ 1949 ମସିହାର ଭଡ଼ା ଖିଲାପ ସମ୍ବନ୍ଧିତ ଥିଲା, ତେଣୁ 1950 ମସିହାର ଭଡ଼ା ଖିଲାପ ପାଇଁ କରାଯାଇଥିବା ଏହି ଆବେଦନ ଉକ୍ତ ଅଧିନିୟମର ଧାରା 14 ଅନୁଯାୟୀ ପ୍ରତିବନ୍ଧିତ ନୁହେଁ । କିନ୍ତୁ, ଭଡ଼ା ବକେୟା ଥିବା କଥା ସ୍ୱୀକାର କରାଯାଇଥିଲେ ମଧ୍ୟ, ଅପିଲକାରୀମାନଙ୍କୁ ଉଚ୍ଛେଦ କରି ଉତ୍ତରଦାତାମାନଙ୍କୁ ଦଖଲ ଦେବା ପାଇଁ ଆଦେଶ ଦେବାକୁ ଭଡ଼ା ନିୟନ୍ତ୍ରଣ ଅଧିକାରୀ ଉଚିତ ମନେ କଲେ ନାହିଁ । ତାଙ୍କ ଦ୍ୱାରା ଦିଆଯାଇଥିବା କାରଣଗୁଡ଼ିକ ଏହିପରି ଥିଲା: -

"ଭଡ଼ା ପ୍ରଦାନ ନକରିବା ବିଷୟରେ ଯେତେବେଳେ ଭଡ଼ାଟିଆଙ୍କର ଏକମାତ୍ର ଯୁକ୍ତି ହେଉଛି ଯେ ସେ ଭଡ଼ା ନିୟନ୍ତ୍ରଣ ଅଧିକାରୀଙ୍କ ଦ୍ୱାରା ଉଚିତ ଭଡ଼ା ନିର୍ଦ୍ଧାରଣ ପାଇଁ ଅପେକ୍ଷା କରିଛନ୍ତି, ତେବେ ଭଡ଼ା ପୈଠ ନ କରିବା, ଉଚ୍ଛେଦ ପାଇଁ ଯଥେଷ୍ଟ ଆଧାର ନୁହେଁ । ଭଡ଼ା ଆଦାୟ ପାଇଁ ଏକ ଦେୱାନୀ ମକଦ୍ଦମା ସେହି ଭଡ଼ା ପାଇବା ପାଇଁ ଏକ ଅଧିକ ଉପଯୁକ୍ତ ପଦ୍ଧତି ହୋଇଥାନ୍ତା । ତେଣୁ ମୁଁ ଏହି ମକଦ୍ଦମାକୁ ଖାରଜ କରୁଛି । ଉଭୟ ପକ୍ଷ ନିଜ ନିଜର ଖର୍ଚ୍ଚ ବହନ କରିବେ" ।

ଉତ୍ତରଦାତାମାନେ ଉକ୍ତ ଅଧିନିୟମର ଧାରା 15 ଅନୁଯାୟୀ ମହାସୁ ଜିଲ୍ଲା ବିଚାରପତିଙ୍କ ନିକଟରେ ଏକ ଅପିଲ୍ ଦାୟର କରିଥିଲେ । ବିଜ୍ଞ ଜିଲ୍ଲା ବିଚାରପତି ଏହିପରି ମନ୍ତବ୍ୟ ଦେଇ ଅପିଲଟିକୁ ଖାରଜ କରିଦେଲେ -

"ଜମିମାଲିକଙ୍କ ପକ୍ଷରୁ ଏହି ଯୁକ୍ତି କରାଯାଇଥିଲା ଯେ ହିମାଚଳ ପ୍ରଦେଶରେ ଲାଗୁ ହୋଇଥିବା ପଞ୍ଜାବ ସହରାଞ୍ଚଳ ଭଡ଼ା ପ୍ରତିବନ୍ଧକ ଅଧିନିୟମର ଧାରା 13 (2) ଅନୁଯାୟୀ, ଯଦି ନିୟନ୍ତ୍ରଣ ଅଧିକାରୀ ଜାଣିବାକୁ ପାଇଥିଲେ ଯେ ଭଡ଼ା ଦିଆଯାଇ ନଥିଲା, ତେବେ ତାଙ୍କ ପାଖରେ

1954
ୱରୟମ୍ ସିଂହ ଏବଂ ଅନ୍ୟଜଣେ ବନାମ ଅମରନାଥ ଏବଂ ଅନ୍ୟଜଣେ
ନ୍ୟାୟମୂର୍ତ୍ତି ଦାସ

ଭଡ଼ାଟିଆଙ୍କୁ ଉଚ୍ଛେଦ କରି ଜମିମାଲିକଙ୍କୁ ଦଖଲ ଦେବା ପାଇଁ ନିର୍ଦ୍ଦେଶ ଦେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ନିଃସନ୍ଦେହରେ, ତାହା ହିଁ ସଠିକ୍ ଆଇନଗତ ସ୍ଥିତି ଅଟେ, କିନ୍ତୁ ବର୍ତ୍ତମାନର ମାମଲାରେ ଭଡ଼ା ପୈଠ ନ କରିବା ପଛର କାରଣ ଥିଲା ଭଡ଼ାଟିଆଙ୍କର ଆଇନଗତ ସ୍ଥିତି ଉପରେ ଏକ ଭ୍ରାନ୍ତ ଧାରଣା ଯେ ସେ ଉଚିତ ଭଡ଼ା ନିର୍ଦ୍ଧାରଣ ପାଇଁ ଆବେଦନ କରିଥିବାରୁ ତାଙ୍କୁ ଭଡ଼ା ଦେବାକୁ ପଡ଼ିବ ନାହିଁ । ତେଣୁ, ମୁଁ ମନେକରୁଛି ଯେ ଏହି ମାମଲାଟିକୁ ଭିନ୍ନ ଭାବେ ବିବେଚନା କରାଯାଇପାରିବ ଏବଂ ଏହା ପଞ୍ଜାବ ସହରାଞ୍ଚଳ ଭଡ଼ା ପ୍ରତିବନ୍ଧକ ଅଧିନିୟମର ଧାରା 13 (2) ଅନ୍ତର୍ଗତ ଆସୁନାହିଁ" ।

ଏହା ପରେ ଉତ୍ତରଦାତାମାନେ ଜିଲ୍ଲା ବିଚାରପତିଙ୍କ ଆଦେଶକୁ ରଦ୍ଦ କରିବା ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅନୁଯାୟୀ ହିମାଚଳ ପ୍ରଦେଶର ନ୍ୟାୟିକ ଆୟୁକ୍ତଙ୍କ ଦ୍ୱାରସ୍ଥ ହେଲେ । ବିଜ୍ଞ ନ୍ୟାୟିକ ଆୟୁକ୍ତ ରାୟ ଦେଲେ ଯେ ଭଡ଼ା ଦଲିଲ ଅନୁଯାୟୀ କିମ୍ବା ଅଦାଲତର ପ୍ରଥମ ଶୁଣାଣି ସମୟରେ ଧାରା 13 (2) (1) ର ପ୍ରାବଧାନ ଅନୁଯାୟୀ ଭଡ଼ା ପୈଠ କରିବାରେ ଭଡ଼ାଟିଆମାନଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ବିଫଳତାକୁ ଦୃଷ୍ଟିରେ ରଖି, ଆଇନ ଅନୁଯାୟୀ ସେମାନଙ୍କ ଉପରେ ନ୍ୟସ୍ତ ଥିବା ବାଧ୍ୟତାମୂଳକ କାର୍ଯ୍ୟ ସେମାନେ କରିନଥିଲେ ଏବଂ ସେହି ଭଡ଼ାଟିଆମାନଙ୍କ ବିରୁଦ୍ଧରେ ନିମ୍ନ ଅଦାଲତଗୁଡ଼ିକ ଉଚ୍ଛେଦ ଆଦେଶ ଦେବାକୁ ମନା କରି ମନମୁଖୀ ଭାବେ କାର୍ଯ୍ୟ କରିଥିଲେ ଏବଂ ଏହିପରି ଏକ ପରିସ୍ଥିତିରେ ଅଧସ୍ତନ ଅଦାଲତଗୁଡ଼ିକୁ ସେମାନଙ୍କ କ୍ଷମତାର ପରିସର ମଧ୍ୟରେ ରଖିବା ପାଇଁ ନ୍ୟାୟିକ ଆୟୁକ୍ତଙ୍କ ଅଦାଲତର ହସ୍ତକ୍ଷେପ ଆବଶ୍ୟକ ଥିଲା । ତଦନୁସାରେ ସେ ନିମ୍ନ ଅଦାଲତଗୁଡ଼ିକର ଆଦେଶଗୁଡ଼ିକୁ ରଦ୍ଦ କଲେ ଏବଂ ଉଚ୍ଛେଦ ଆବେଦନକୁ ମଞ୍ଜୁର କଲେ, କିନ୍ତୁ ଅପିଲକାରୀମାନଙ୍କୁ ପରିସର ଖାଲି କରିବା ପାଇଁ ତିନି ମାସ ସମୟ ଦେଲେ । ଅପିଲକାରୀମାନେ ବର୍ତ୍ତମାନ ଏହି ନ୍ୟାୟାଳୟରୁ ପ୍ରାପ୍ତ ବିଶେଷ ଅନୁମତି ମାଧ୍ୟମରେ ଅପିଲ କରି ଏହି ନ୍ୟାୟାଳୟ ସମ୍ମୁଖକୁ ଆସିଛନ୍ତି" ।

ଏହି ଅପିଲର ସମର୍ଥନରେ ଉପସ୍ଥିତ ଥିବା ବିଜ୍ଞ ଅଧିବକ୍ତା ଯୁକ୍ତି କରିଛନ୍ତି ଯେ, ବିଜ୍ଞ ନ୍ୟାୟିକ ଆୟୁକ୍ତ ସମ୍ପୂର୍ଣ୍ଣ ଭାବେ କ୍ଷେତ୍ରାଧିକାର ବାହାରେ କାର୍ଯ୍ୟ କରିଥିଲେ, କାରଣ: (1) ଉକ୍ତ ଅଧିନିୟମ ଅଧୀନରେ କ୍ଷମତା ପ୍ରୟୋଗ କରୁଥିବା ଭଡ଼ା ନିୟନ୍ତ୍ରଣ ଅଧିକାରୀ କିମ୍ବା ଜିଲ୍ଲା ବିଚାରପତି, ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ଅଧୀନରେ ଆସୁନଥିଲେ ଏବଂ ତେଣୁ, ଅନୁଚ୍ଛେଦ 227 ନ୍ୟାୟିକ ଆୟୁକ୍ତଙ୍କ ଅଦାଲତକୁ ଭଡ଼ା ନିୟନ୍ତ୍ରଣ ଅଧିକାରୀ କିମ୍ବା ଜିଲ୍ଲା ବିଚାରପତିଙ୍କ ଉପରେ କୌଣସି

କ୍ଷମତା ପ୍ରଦାନ କରେ ନାହିଁ, ଏବଂ (2) ଅନୁଚ୍ଛେଦ 241 ସହିତ ପଠିତ ଅନୁଚ୍ଛେଦ 227, ନ୍ୟାୟିକ ଆୟୁକ୍ତଙ୍କ ଅଦାଲତକୁ ନ୍ୟାୟିକ ତତ୍ତ୍ୱାବଧାନର କୌଣସି କ୍ଷମତା ପ୍ରଦାନ କରେ ନାହିଁ ।

ପ୍ରସଙ୍ଗ 1 - ହିମାଚଳ ପ୍ରଦେଶର ନ୍ୟାୟିକ ଆୟୁକ୍ତଙ୍କ ଅଦାଲତ ସମଗ୍ର ହିମାଚଳ ପ୍ରଦେଶ ଅଞ୍ଚଳରେ ନିଜର କ୍ଷେତ୍ରାଧିକାର ପ୍ରୟୋଗ କରନ୍ତି । ଉକ୍ତ ଅଧିନିୟମ ଅଧୀନରେ କ୍ଷମତା ପ୍ରୟୋଗ କରୁଥିବା ଭଡ଼ା ନିୟନ୍ତ୍ରଣ ଅଧିକାରୀ ଏବଂ ଜିଲ୍ଲା ବିଚାରପତି ନିଶ୍ଚିତ ଭାବରେ ନ୍ୟାୟାଧିକରଣ ଅଟନ୍ତି, ଯଦିଓ ଅଦାଲତ ନୁହଁନ୍ତି, ଏବଂ ସେମାନେ ହିମାଚଳ ପ୍ରଦେଶ ମଧ୍ୟରେ କାର୍ଯ୍ୟ କରନ୍ତି । ତେଣୁ, ଅନୁଚ୍ଛେଦ 241 ସହିତ ପଠିତ ଅନୁଚ୍ଛେଦ 227 (1), ନ୍ୟାୟିକ ଆୟୁକ୍ତଙ୍କ ଅଦାଲତକୁ ଏଭଳି ନ୍ୟାୟାଧିକରଣଗୁଡ଼ିକ ଉପରେ ତତ୍ତ୍ୱାବଧାନର କ୍ଷମତା ପ୍ରଦାନ କରେ । "ଯାହା ସମ୍ବନ୍ଧରେ" ଶବ୍ଦଗୁଡ଼ିକ ସ୍ପଷ୍ଟ ଭାବରେ "ଅଞ୍ଚଳଗୁଡ଼ିକ" ଶବ୍ଦକୁ ବିଶେଷିତ କରେ, "ଅଦାଲତ ଏବଂ ନ୍ୟାୟାଧିକରଣଗୁଡ଼ିକ" ଶବ୍ଦଗୁଡ଼ିକୁ ନୁହେଁ ।

ପ୍ରସଙ୍ଗ 2 - ଅନୁଚ୍ଛେଦ 227 ର ମୁଖ୍ୟ ଅଂଶ ମୁଖ୍ୟତଃ ଭାରତ ସରକାର ଅଧିନିୟମ, 1915 ର ଧାରା 107 ର ଏକ ପ୍ରତିରୂପ, କେବଳ ଏତିକି ପରିବର୍ତ୍ତନ ଯେ ଏହି ଅନୁଚ୍ଛେଦ ଦ୍ୱାରା ତତ୍ତ୍ୱାବଧାନର କ୍ଷମତାକୁ ନ୍ୟାୟାଧିକରଣଗୁଡ଼ିକ ପର୍ଯ୍ୟନ୍ତ ମଧ୍ୟ ବିସ୍ତାର କରାଯାଇଛି । ଉକ୍ତ ଅଧିନିୟମ ଅଧୀନରେ କ୍ଷମତା ପ୍ରୟୋଗ କରୁଥିବା ଭଡ଼ା ନିୟନ୍ତ୍ରଣ ଅଧିକାରୀ ଏବଂ ଜିଲ୍ଲା ବିଚାରପତି ଯେ ନ୍ୟାୟାଧିକରଣ ଅଟନ୍ତି, ସେ କଥାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ଏବଂ କରାଯାଇ ନାହିଁ । ଏହି ଅନୁଚ୍ଛେଦ ଦ୍ୱାରା ପ୍ରଦତ୍ତ ତତ୍ତ୍ୱାବଧାନ କ୍ଷମତାର ସ୍ୱରୂପକୁ ନେଇ ହିଁ ଏକମାତ୍ର ପ୍ରଶ୍ନ ଉଠାଯାଇଛି । ଏହି ଅନୁଚ୍ଛେଦ କେବଳ ଉଚ୍ଚ ନ୍ୟାୟାଳୟଙ୍କୁ ଅଧସ୍ତନ ଅଦାଲତ ଏବଂ ନ୍ୟାୟାଧିକରଣଗୁଡ଼ିକ ଉପରେ ପ୍ରଶାସନିକ ତତ୍ତ୍ୱାବଧାନର କ୍ଷମତା ପ୍ରଦାନ କରିଥାଏ - ଏହି ଯୁକ୍ତିର ସମର୍ଥନରେ ଏହି ଅନୁଚ୍ଛେଦର ଖଣ୍ଡ (2) କୁ ଉଲ୍ଲେଖ କରାଯାଇଛି । ଆମ୍ଭେ ଏହି ଯୁକ୍ତିକୁ ଗ୍ରହଣ କରିବାରେ ଅସମର୍ଥ କାରଣ ଏହି ଅନୁଚ୍ଛେଦର ଖଣ୍ଡ (2) କୁ, ଖଣ୍ଡ (1) ରେ ଥିବା ବ୍ୟବସ୍ଥାଗୁଡ଼ିକର ସାଧାରଣତା ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ନପକାଇ ପ୍ରକାଶ କରାଯାଇଛି । ଆହୁରି ମଧ୍ୟ, ଭାରତରେ ନ୍ୟାୟିକ ମତର ପ୍ରାଧାନ୍ୟ ଏହା ଥିଲା ଯେ ଧାରା 107, ଯାହା ଉଚ୍ଚ ନ୍ୟାୟାଳୟ ଅଧିନିୟମ, 1861 ର ଧାରା 15 ସଦୃଶ ଥିଲା, ଉଚ୍ଚ ନ୍ୟାୟାଳୟଙ୍କୁ ଅନ୍ୟାନ୍ୟ ଆଇନଗୁଡ଼ିକର ବ୍ୟବସ୍ଥାଗୁଡ଼ିକ ଦ୍ୱାରା ପ୍ରଦତ୍ତ ପୁନଃରୀକ୍ଷଣ କ୍ଷେତ୍ରାଧିକାର ବ୍ୟତୀତ ଏବଂ ତାହା ଠାରୁ ସ୍ୱତନ୍ତ୍ର ଭାବେ ନ୍ୟାୟିକ ତତ୍ତ୍ୱାବଧାନର କ୍ଷମତା ପ୍ରଦାନ କରିଥିଲା । ଏହି ପରିପ୍ରେକ୍ଷୀରେ, ଏହା ମନେ ରଖିବାକୁ ହେବ ଯେ, ଭାରତ ସରକାର ଅଧିନିୟମ, 1915 ର ଧାରା 107 କୁ ଭାରତ ସରକାର ଅଧିନିୟମ,

*1954*
*ୱରୟମ୍ ସିଂହ ଏବଂ ଅନ୍ୟଜଣେ ବନାମ ଅମରନାଥ ଏବଂ ଅନ୍ୟଜଣେ*
*ନ୍ୟାୟମୂର୍ତ୍ତି ଦାସ*

1935 ରେ ଧାରା 224 ଭାବେ ପୁନଃ ସ୍ଥାନିତ କରାଯାଇଥିଲା । ତେବେ, 1935 ଅଧିନିୟମର ଧାରା 224 ରେ ଏକ ନୂତନ ଉପ-ଧାରା (2) ଯୋଡ଼ାଯାଇଥିଲା, ଯାହା ଅନୁସାରେ ଏହି ଧାରାରେ ଥିବା କୌଣସି ବିଷୟକୁ ଉଚ୍ଚ ନ୍ୟାୟାଳୟଙ୍କୁ କୌଣସି ଅଧସ୍ତନ ଅଦାଲତଙ୍କ କୌଣସି ରାୟ ଉପରେ ପ୍ରଶ୍ନ ଉଠାଇବା ପାଇଁ କୌଣସି କ୍ଷେତ୍ରାଧିକାର ଦେବା ଭଳି ବ୍ୟାଖ୍ୟା କରାଯିବା ଉଚିତ ନୁହେଁ, ଯାହା ଅପିଲ କିମ୍ବା ପୁନଃରୀକ୍ଷଣ ପାଇଁ ଅନ୍ୟଥା ଯୋଗ୍ୟ ନୁହେଁ । ଏହାର ଉଦ୍ଦେଶ୍ୟ ସମ୍ଭବତଃ ଉପରୋକ୍ତ ବିଭିନ୍ନ ଉଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିଷ୍ପତ୍ତିଗୁଡ଼ିକୁ ପ୍ରଭାବହୀନ କରିବା ଥିଲା । ସମ୍ବିଧାନର ଅନୁଚ୍ଛେଦ 227 ରେ 1935 ଅଧିନିୟମର ଧାରା 224 କୁ କେତେକ ପରିବର୍ତ୍ତନ ସହିତ ପୁନଃ ସ୍ଥାନିତ କରାଯାଇଛି । ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, 1935 ଅଧିନିୟମର ଧାରା 224 ର ଉପ-ଧାରା (2) କୁ ଅନୁଚ୍ଛେଦ 227 ରୁ ବାଦ୍ ଦିଆଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବାଦ୍ ଦେବା ପ୍ରକ୍ରିୟାକୁ ଭାରତର ସମସ୍ତ ଉଚ୍ଚ ନ୍ୟାୟାଳୟ ଏହିପରି ଭାବେ ଗ୍ରହଣ କରିଛନ୍ତି ଯେ, ଏହା ଉଚ୍ଚ ନ୍ୟାୟାଳୟଙ୍କୁ ସେହି ନ୍ୟାୟିକ ତତ୍ତ୍ୱାବଧାନର କ୍ଷମତା ଫେରାଇ ଦେଇଛି ଯାହା ଉଚ୍ଚ ନ୍ୟାୟାଳୟ ଅଧିନିୟମ, 1861 ର ଧାରା 15 ଏବଂ ଭାରତ ସରକାର ଅଧିନିୟମ, 1915 ର ଧାରା 107 ଅଧୀନରେ ଥିଲା । *ମୋତି ଲାଲ ବନାମ ଶ୍ରୀମତୀ ସାଗ୍ରାବତୀଙ୍କ ଜରିଆରେ ରାଜ୍ୟ*[1] ମାମଲାରେ ଉଲ୍ଲେଖ କରାଯାଇଥିବା ମାମଲାଗୁଡ଼ିକୁ ଦେଖନ୍ତୁ । ଏପରି କୌଣସି ମାମଲା ପ୍ରତି ଆମ୍ଭ ଦୃଷ୍ଟି ଆକର୍ଷଣ କରାଯାଇନାହିଁ ଯାହା ଏକ ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରିଛି ଏବଂ ବର୍ତ୍ତମାନ ଯେପରି ପରାମର୍ଶ କରାଯାଇଛି ତାହା ଅନୁଯାୟୀ, ଆମ୍ଭେ ଏକ ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରିବାର କୌଣସି କାରଣ ଦେଖୁନାହୁଁ ।

*ଡାଲମିଆ ଜୈନ ଏୟାରୱେଜ୍ ଲିମିଟେଡ୍ ବନାମ ସୁକୁମାର ମୁଖାର୍ଜୀ*[2] ମାମଲାରେ ପ୍ରଧାନ ନ୍ୟାୟାଧୀଶ ହ୍ୟାରିସଙ୍କ ମତରେ ଅନୁଚ୍ଛେଦ 227 ଦ୍ୱାରା ପ୍ରଦତ୍ତ ତତ୍ତ୍ୱାବଧାନ କ୍ଷମତାକୁ କ୍ୱଚିତ ଏବଂ କେବଳ ଉପଯୁକ୍ତ କ୍ଷେତ୍ରରେ ପ୍ରୟୋଗ କରାଯିବା ଉଚିତ, ଯାହା ଦ୍ୱାରା ଅଧସ୍ତନ ଅଦାଲତଗୁଡ଼ିକ କେବଳ ତ୍ରୁଟି ସଂଶୋଧନ ପାଇଁ ନୁହେଁ ବରଂ ସେମାନଙ୍କର କ୍ଷମତାର ପରିସର ମଧ୍ୟରେ ରହିବେ । ଆମ୍ଭ ସମ୍ମୁଖରେ ଥିବା ମାମଲାରେ ନ୍ୟାୟିକ ଆୟୁକ୍ତ ସଠିକ୍ ଭାବେ ଦର୍ଶାଇଛନ୍ତି ଯେ, ନିମ୍ନ ଅଦାଲତଗୁଡ଼ିକ ଉଚ୍ଛେଦ ଆଦେଶ ଦେବାକୁ ମନା କରି ମନମୁଖୀ ଭାବେ କାର୍ଯ୍ୟ କରିଥିଲେ । ନିମ୍ନ ଅଦାଲତଗୁଡ଼ିକ ଆଇନଗତ ସ୍ଥିତିକୁ ହୃଦୟଙ୍ଗମ କରିଥିଲେ ସୁଦ୍ଧା ବାସ୍ତବରେ ଧାରା 13 (2) (i) ଅନୁଯାୟୀ ସେମାନଙ୍କ ପାଇଁ ଯାହା ଅନିବାର୍ଯ୍ୟ ଥିଲା, ତାହା କରିବାକୁ ମନା

[1] I.L.R. [1952] I All. 558 at p.567
[2] A.I.R. 1951 Cal. 193

*1954*
*ୱରୟମ୍ ସିଂହ ଏବଂ ଅନ୍ୟଜଣେ ବନାମ ଅମରନାଥ ଏବଂ ଅନ୍ୟଜଣେ*
*ନ୍ୟାୟମୂର୍ତ୍ତି ଦାସ*

କରିଦେଇଥିଲେ ଏବଂ ଏହିପରି ଭାବେ ଆଇନ ଦ୍ୱାରା ସେମାନଙ୍କ ଉପରେ ନ୍ୟସ୍ତ କ୍ଷେତ୍ରାଧିକାରକୁ ପ୍ରୟୋଗ କରିବାକୁ ମନା କରିଦେଇଥିଲେ । ତେଣୁ, ଏହା ଏଭଳି ଏକ ମାମଲା ଥିଲା ଯେଉଁଠାରେ ନ୍ୟାୟିକ ଆୟୁକ୍ତଙ୍କ ଅଦାଲତର ହସ୍ତକ୍ଷେପ ଆବଶ୍ୟକ ଥିଲା ଏବଂ ଏହା କରିବାରେ ସେ ଉପଯୁକ୍ତ ଭାବେ କାର୍ଯ୍ୟ କରିଥିଲେ । ଆମ୍ଭ ମତରେ, ଅନୁଚ୍ଛେଦ 136 ଅନୁଯାୟୀ ବିଶେଷ ଅନୁମତି ଦ୍ୱାରା ଏକ ଅପିଲରେ ଆମ୍ଭେ ହସ୍ତକ୍ଷେପ କରିବାର କୌଣସି ଆଧାର ନାହିଁ । ସେଥିପାଇଁ ଏହି ଅପିଲକୁ ଖର୍ଚ୍ଚ ସହିତ ଖାରଜ କରାଯିବା ଆବଶ୍ୟକ ।

ଅପିଲକୁ ଖାରଜ କରାଗଲା ।

ଆବେଦନକାରୀମାନଙ୍କ ପାଇଁ ପ୍ରତିନିଧି: *ଏମ୍. ଏମ୍. ସିହ୍ନା* ।

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି: *କେ. ଏଲ୍. ମେହେଟ୍ଟା* ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***
**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**